# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 06th January - 2025

**********************************

***Desk***

# ପି.ଏମ୍. - ରେଳମଣ୍ଡଳ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ମଧ୍ୟାହ୍ନ ସାଢ଼େ ୧୨ଟାରେ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ବିଭିନ୍ନ ରେଳ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ୧୦୭ କୋଟି ଟଙ୍କା ବ୍ୟୟରେ ୧୨ ହଜାର ବର୍ଗମିଟର ପରିମିତ ପୂର୍ବତଟ ରେଳପଥ ଅନ୍ତର୍ଗତ ରାୟଗଡ଼ା ରେଳ ଡିଭିଜନ ଭବନର ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

ସେହିପରି ତେଲଙ୍ଗାନାର ମେଦଚାଲ-ମାଲାକାନଗିରି ଜିଲ୍ଲାରେ ଥିବା ଚାର୍ଲାପଲ୍ଲି ନିୟୁ ଟର୍ମିନାଲ୍ ଷ୍ଟେସନକୁ ପ୍ରାୟ ୪୧୩ କୋଟି ଟଙ୍କା ବ୍ୟୟରେ ଏକ ନୂତନ କୋଚିଂ ଟର୍ମିନାଲ୍ ଭାବରେ ବିକଶିତ କରାଯାଇ ଦ୍ୱିତୀୟ ପ୍ରବେଶ ଦ୍ୱାରର ବ୍ୟବସ୍ଥା କରାଯାଉଛି । ଏଥିରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

*BBSR/R*

# ଆଦିବାସୀ ମେଳା

ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ରାଜ୍ୟସ୍ତରୀୟ ଆଦିବାସୀ ମେଳାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି । ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ ଉପଲକ୍ଷେ ଏହି ମେଳାକୁ ଚଳିତ ବର୍ଷ ଆଗୁଆ କରାଯାଇ ଗତକାଲିଠାରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯାଉଛି । ପ୍ରବାସୀ ଭାରତୀୟମାନେ ଭୁବନେଶ୍ୱର ଆସିବେ ଏବଂ ଆଦିବାସୀ ସଂସ୍କୃତିର ସୁନ୍ଦରତା ଦେଖି ଅନୁଭବ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟର ସବୁ ଆଦିବାସୀଙ୍କର ଏହି ମହାପର୍ବ ଏଥର ନିଶ୍ଚିତ ଭାବରେ ବିଶ୍ୱ ମଞ୍ଚରେ ପ୍ରସିଦ୍ଧି ଅର୍ଜନ କରିବ ବୋଲି ସେ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନାର ଶୁଭାରମ୍ଭ କରି କହିଛନ୍ତି, ଏହାଦ୍ୱାରା ଆଦିବାସୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶିକ୍ଷାପ୍ରତି ଆଗ୍ରହ ବଢ଼ିବା ସହିତ ସ୍କୁଲ୍ ଛାଡ଼ିବା ହାର ମଧ୍ୟ କମିବାରେ ଏହା ସହାୟକ ହେବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି :

***Voice :...........***

*Puri/R*

## ପ୍ରବାସୀ ଭାରତୀୟ

ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଆସନ୍ତା ୮ ତାରିଖ ବୁଧବାରଠାରୁ ୧୦ ତାରିଖ ପର୍ଯ୍ୟନ୍ତ ୧୮ତମ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହେବ । ଏହାର ପ୍ରସ୍ତୁତିକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମୀକ୍ଷା କରିଛନ୍ତି । ଏହି ଦିବସରେ ଯୋଗଦେବାପାଇଁ ବର୍ତ୍ତମାନ ସୁଦ୍ଧା ସାଢ଼େ ୩ ହଜାର ପ୍ରବାସୀ ଭାରତୀୟ ପଞ୍ଜୀକରଣ କରିଥିବା ଶ୍ରୀ ଆହୁଜା ସୂଚନା ଦେଇଛନ୍ତି । ବିଭିନ୍ନ ଦେଶରୁ ବହୁ ପ୍ରବାସୀ ଭାରତୀୟ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିବେ । ଏହି ଅତିଥିମାନଙ୍କ ପାଇଁ ପୁରୀ ପ୍ରମୁଖ ଆକର୍ଷଣ କେନ୍ଦ୍ର ରହିବାକୁ ଥିବାବେଳେ ଶ୍ରୀମନ୍ଦିର ସମେତ କୋଣାର୍କ, ଚନ୍ଦ୍ରଭାଗା, ଚିଲିକା ତଥା ରଘୁରାଜପୁର ଗ୍ରାମକୁ ସେମାନେ ଗସ୍ତ କରିବେ ବୋଲି ସୂଚନା ମିଳିଛି । ଏହାକୁ ଦୃଷ୍ଟିରେ ରଖି ପୁରୀ ପୁଲିସ ପକ୍ଷରୁ ଟ୍ରାଫିକ୍ ଓ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

*Desk*

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆବେଦନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହେଉଛି । ଚଳିତ ମାସ ୨୭ ତାରିଖ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଚାଲିବ । ବିଭିନ୍ନ ବର୍ଗରେ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ପୁରସ୍କାର, ପୁରାତନ

ଛାତ୍ରଛାତ୍ରୀ କମିଟି ପୁରସ୍କାର, ଗ୍ରାମ ପଞ୍ଚାୟତ ପୁରସ୍କାର ଏବଂ ପ୍ରାଥମିକ ବିଦ୍ୟାଳୟ ପୁରସ୍କାର ପାଇଁ ଆବେଦନ ଗ୍ରହଣ କରାଯିବ । ଏ ସମ୍ପର୍କରେ ଅଧିକ ତଥ୍ୟ msp dot odisha dot gov dot in ୱେବ୍‌ସାଇଟ୍‌ରେ ଉପଲବ୍ଧି ଅଛି ।

***Desk***

## ରାସନ କାର୍ଡ଼

ରାଜ୍ୟରେ ରାସନ କାର୍ଡ଼ ହିତାଧିକାରୀଙ୍କ ଇ-କେ.ୱାଇ.ସି. ଅପ୍‌ଡେଟ୍ ସମୟ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହାର ଅବଧି ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଥିଲା । ତେବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ହିତାଧିକାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାର ସମୟସୀମାକୁ ବୃଦ୍ଧି କରିଛନ୍ତି । ଏପର୍ଯ୍ୟନ୍ତ ୮୫ ପ୍ରତିଶତ ହିତାଧିକାରୀ ଇ-କେ.ୱାଇ.ସି. ଅପ୍‌ଡେଟ୍ କରିଥିବାବେଳେ ବାକିଥିବା ହିତାଧିକାରୀମାନେ ଏହାକୁ ଅପ୍‌ଡେଟ୍ କରିବାପାଇଁ ଯୋଗାଣ ମନ୍ତ୍ରୀ ଶ୍ରୀ ପାତ୍ର ସେମାନଙ୍କୁ ଅନୁରୋଧ କରିଛନ୍ତି ।

*Baragarh/R*

# ଧନୁଯାତ୍ରା

ବରଗଡ଼ ଧନୁଯାତ୍ରା ମହୋତ୍ସବର ତୃତୀୟ ଦିବସରେ ଗତକାଲି ଆମ୍ବାପଲ୍ଲି ଗୋପପୁରରେ ନନ୍ଦୋତ୍ସବ ପାଳିତ ହୋଇଛି । ଏହି ଅବସରରେ ଶ୍ରୀକୃଷ୍ଣଙ୍କୁ ଦୋଳିରେ ଝୁଲାଇବା ସହ ନଗର କୀର୍ତ୍ତନ କରାଯାଇଥିଲା । ଅପରପକ୍ଷରେ ମଥୁରାରେ ମହାରାଜା କଂସ ଶ୍ୟାମେଶ୍ୱର ମହାଦେବଙ୍କ ଦର୍ଶନ କରିବା ସହ ନଗର ପରିକ୍ରମା କରିଥିଲେ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ପ୍ରମୁଖ ରାଜ ଦରବାରରେ ଅତିଥିଭାବେ ଯୋଗ ଦେଇ ରଙ୍ଗମହଲରେ ନୃତ୍ୟଗୀତ ଉପଭୋଗ କରିଥିଲେ ।

*Bolangir/R*

# ବହୁଭାଷୀ ନାଟ୍ୟ ମହୋତ୍ସବ

ବଲାଙ୍ଗିର କୋଶଳ କଳାମଣ୍ଡଳ ରଙ୍ଗମଞ୍ଚରେ ୫ ଦିନ ଧରି ହେବାକୁ ଥିବା ଭୂମିକା ନାଟ୍ୟ ଅନୁଷ୍ଠାନର ୧୬ତମ ସର୍ବଭାରତୀୟ ବହୁଭାଷୀ ମଠଖାଇ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ ହୋଇଛି । ନାଟକ ବଞ୍ଚିଥିବା ପର୍ଯ୍ୟନ୍ତ ମଣିଷ ନିଜର ଅଭିନୟ କରି ଚାଲିଥିବା ବୋଲି ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଦ୍ମପୁର ନାଟ୍ୟସଂସ୍ଥା ପକ୍ଷରୁ ନାଟକ ପରିବେଷଣ କରାଯାଇଥିଲା ।

*Desk*

# ହକି ଇଣ୍ଡିଆ ଲିଗ୍

ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ଠାରେ ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାର ଗତକାଲି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ସୁର୍‌ମା ହକି କ୍ଲବ୍’ କଳିଙ୍ଗ ଲାନ୍‌ସର୍ସକୁ ୪-୩ ଗୋଲ୍‌ରେ ପରାସ୍ତ କରିଛି । ଦ୍ୱିତୀୟ ମ୍ୟାଚ୍‌ରେ ତାମିଲ୍‌ନାଡୁ ଡ୍ରାଗନ୍‌ସ’ ୟୁ.ପି. ରୁଦ୍ରସ୍‌କୁ ୨-୦ ଗୋଲ୍‌ରେ ପରାସ୍ତ କରିଛି । ଆଜି ଦିଲ୍ଲୀ ଏସ୍.ଜି. ପାଇପର୍ସ ଏବଂ ସୁର୍‌ମା ହକି କ୍ଲବ୍ ମଧ୍ୟରେ ମୁକାବିଲା ହେବ ।

*****